ପ୍ରମେୟ
THE PRAMEYA

BHUBANESWAR 15 Dec, 2025

# ବିଆଇଆଇଟିଏମ୍ ପକ୍ଷରୁ ଦ୍ୱିତୀୟ ଗ୍ରାଜୁଏସନ୍ ଡେ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍) ପକ୍ଷରୁ ଦ୍ୱିତୀୟ ଗ୍ରାଜୁଏସନ୍ ଡେ ପାଳନ କରାଯାଇଛି। ୨୦୨୩-୨୫ ବର୍ଷର ଏମ୍‌ବିଏ ଗ୍ରାଜୁଏଟ୍, ୨୦୨୦-୨୫ ଇଣ୍ଟିଗ୍ରେଡେଟ୍ ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ କହିଲେ, ନମ୍ରତା ହିଁ ପ୍ରକୃତ ଶିକ୍ଷା, ଯାହା ମୂଳଦୁଆ ସୁଦୃଢ଼ କରିବ। ମୁଖ୍ୟବକ୍ତା ତତ୍ତ୍ୱ ଟେକ୍ନୋଲୋଜି ଲିମିଟେଡ୍‌ର ପ୍ରତିଷ୍ଠାତା ଅୟସକାନ୍ତ ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ସ୍ୱାଗତ ଭାଷଣ, ଏକାଡେମିକ୍ ଡିନ୍ ପ୍ରଫେସର ଚିନ୍ମୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।